## କୁକ୍କୁଟ ବିକାଶ

କେନ୍ଦ୍ର ସରକାର ଷ୍ଟେପ୍ (STEP) ଅଧିନରେ ଓଡ଼ିଶା ମହିଳା କୁକ୍କୁଟ ବିକାଶ ପ୍ରକଳ୍ପ (OWPP), ଅନୁଗୁଳ (OWPPA) ଏବଂ ଖୋର୍ଦ୍ଧା ଜିଲ୍ଲାରେ (OWPPK) କାର୍ଯ୍ୟ କରୁଅଛି । ୨୦୦୨-୦୩ରେ ଏହି ଯୋଜନାରେ ୪୫ ଗୋଟି ମହିଳା କୁକୁଡ଼ା ସମବାୟ ସମିତି ଗଠନ କରାଯାଇ ୪୦୫୦ ଜଣ ମହିଳାଙ୍କୁ ସାମିଲ କରାଯିବା ସହିତ ୨୦୦୩-୦୪ ବର୍ଷରେ ୨୦ ଗୋଟି ମହିଳା ସମବାୟ ସମିତି ଗଠନ କରାଯାଇ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଯାଇଛି ।

## ମୁଖ୍ୟ ପଶୁଜାତ ଦ୍ରବ୍ୟ ଉତ୍ପାଦନ



୨୦୦୪-୦୫ ଆର୍ଥିକ ବର୍ଷରେ (ଜାନୁଆରୀ ସୁଦ୍ଧା) ଆମ ରାଜ୍ୟରେ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟହାସଲ ଏବଂ କୃତିତ୍ୱ ନିମ୍ନରେ ପ୍ରଦାନ କରାଗଲା -

| ପ୍ରକାର ଭେଦ | ଲକ୍ଷ୍ୟ (Target) | କୃତିତ୍ୱ (Acheivment) |
|---|---|---|
| ୧. ଦୁଗ୍ଧ ଉତ୍ପାଦନ (ହଜାର ମେଟ୍ରିକ୍ଟନ୍‌ରେ) | ୧୧୦୮ | ୯୯୩.୭୯ |
| ୨. ଅଣ୍ଡା ଉତ୍ପାଦନ (ନିୟୁତ ସଂଖ୍ୟାରେ) | ୧୪୯୬ | ୧୦୮୪.୪୩ |
| ୩. ମାଂସ ଉତ୍ପାଦନ (ହଜାର ମେଟ୍ରିକ୍ ଟନ୍‌ରେ) | ୬୦ | ୩୪.୬୮ |

## ରାଜ୍ୟସ୍ତରୀୟ ମୁଖ୍ୟ ଜିଲ୍ଲା ପଶୁଚିକିତ୍ସା ଅଧିକାରୀ ସମ୍ମିଳନୀ

ତା୩୦.୧୧.୦୪ରିଖ ଦିନ ମାନବ ସମ୍ବଳ ବିକାଶ ପ୍ରକୋଷ୍ଠରେ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀ ଗୋଲକ ବିହାରୀ ନାଏକଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସି.ଡି.ଭି.ଓ, ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ବିଭାଗୀୟ ଶାସନ ଶଚିବ ଶ୍ରୀ ସି.କେ. ବେଣୁଗୋପାଳ, ନିର୍ଦ୍ଦେଶକ ବିଜୟ କୁମାର ଧଳ, ଯୁଗ୍ମ ନିର୍ଦ୍ଦେଶକ ଡାଃ. ନନି ଗୋପାଳ ସାମଲ ପ୍ରମୁଖ ଯୋଗଦାନ କରି ବିଭାଗର ବହୁମୁଖୀ ଉନ୍ନୟନ କାର୍ଯ୍ୟକ୍ରମ ସଂମ୍ପର୍କରେ ସମୀକ୍ଷା କରିଥିଲେ ।

## ପଶୁ ଚିକିତ୍ସା ବିଜ୍ଞାନ ପରିଷଦର କର୍ମଶାଳା

ଆସନ୍ତା ତା୧୧.୦୪.୦୫ରିଖ ଦିନ ଭୁବନେଶ୍ୱର ଠାରେ ପଶୁଚିକିତ୍ସା ବିଜ୍ଞାନ ପରିଷଦର ଏକ କର୍ମଶାଳା ଅନୁଷ୍ଠିତ ହେବ । ଏଥିରେ ମନ୍ତ୍ରୀ ଶ୍ରୀ ଗୋଲକ ବିହାରୀ ନାଏକଙ୍କ ସମେତ ବିଭାଗୀୟ ଶାସନ ଶଚିବ, ନିର୍ଦ୍ଦେଶକ ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀଙ୍କ ଜଗତସିଂହପୁର ଜିଲ୍ଲାଗସ୍ତ



ତା୨୮.୦୨.୦୫ରିଖ ଦିନ ମନ୍ତ୍ରୀ ଶ୍ରୀ ଗୋଲକ ବିହାରୀ ନାଏକ ଜଗତସିଂହପୁର ଜିଲ୍ଲା ଗସ୍ତ କରି ବିରିଡି ପଶୁଡାକ୍ତରଖାନାର ହାଜିପୁର ଠାରେ ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜା କରିବା ସହିତ ଏସ୍.ଭି.ଏମ୍, କଲେଜର ବାର୍ଷିକ ଉତ୍ସବରେ ଯୋଗଦାନ କରି ଦୀକ୍ଷାନ୍ତ ଭାଷଣ ଦେଇଥିଲେ ।

## ଆଦିବାସୀ ପଡ଼ିଆରେ ପଶୁସଂପଦ ବିଭାଗର ପ୍ରଦର୍ଶନୀ

ତା୨୬.୦୧.୦୫ ଠାରୁ ୦୧.୦୨.୦୫ରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଆଦିବାସୀ ପଡିଆ ଠାରେ ପଶୁସଂପଦ ବିଭାଗର ଏକ ଚିତ୍ତାକର୍ଷକ ପ୍ରଦର୍ଶନୀ ପ୍ରଦର୍ଶନ କରାଯାଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଉକ୍ତ ପ୍ରଦର୍ଶନୀକୁ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ । ସୂଚନା ଅଧିକାରୀ ଡାଃ. ବୀର କିଶୋର ପରିଡା ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ସମ୍ବନ୍ଧରେ

### ପଶୁଙ୍କୁ ଅଂଶୁଘାତ ହୋଇଛି ବୋଲି ଜାଣିବେ କିପରି ?

୧) ପଶୁପକ୍ଷୀମାନେ କିଛି ଖାଆନ୍ତି ନାହିଁ । କ୍ଷୀଣ ଦୁର୍ବଳ ବା ଅବସନ୍ନ ଦେଖାଯାନ୍ତି ।
୨) ଶ୍ୱାସକ୍ରିୟା ଓ ନାଡ଼ିର ବେଗ ବଢିଯାଏ ।
୩) ପାଟି ବାଟେ ନିଶ୍ୱାସ ନେବା ସହିତ ଧକେଇ ହୁଅନ୍ତି ।
୪) ଜିଭ ପଦାକୁ ସମୟେ ସମୟେ ବାହାରିଥାଏ ।
୫) ପାଟିରୁ ଓ ନାକପୁଡ଼ାରୁ ଫେଣ ପରିନିର୍ଗତ ହୁଏ ।
୬) ଆଖିର ଉପରିଭାଗଝିଲ୍ଲୀ ଲାଲ ଦିଶେ ।
୭) ଫୁସ୍-ଫୁସ୍ ର ଗତି ବଦଳିଯାଏ ।
୮) ଶରୀରର ଉତ୍ତାପ ୧୦୬-୧୧୦ ଡ଼ିଗ୍ରିଠୁ ବୃଦ୍ଧିପାଇ ସ୍ଥିର ରୁହେ ।
୯) ଶ୍ୱାସକେନ୍ଦ୍ର ଏବଂ ସ୍ନାୟୁରେ ପକ୍ଷାଘାତ ବା ପାରାଲିସ୍ ହୁଏ ।
୧୦) ଶେଷଆଡ଼କୁ ଶରୀରର ଉତ୍ତାପ କମିଯାଏ ଏବଂ ପ୍ରାଣୀମାନେ ମୃତ୍ୟୁ ବରଣ କରନ୍ତି ।

### ଅଂଶୁଘାତ ହେଲେ କ'ଣ କରିବେ ?

୧) ଆକ୍ରାନ୍ତ ପଶୁଙ୍କୁ ତୁରନ୍ତ ଥଣ୍ଡାଛାଇ ସ୍ଥାନକୁ ସ୍ଥାନାନ୍ତରିତ କରନ୍ତୁ ।
୨) ମୁଣ୍ଡରେ ବରଫ ଥଳି କିମ୍ବା ଥଣ୍ଡା ପାଣିଭିଜା କପଡା ଚାପିକରି ରଖନ୍ତୁ ଏବଂ ଓଦା କପଡ଼ାରେ ଶରୀରକୁ ପୋଛି ଆଣନ୍ତୁ ।
୩) ପ୍ରଚୁର ଥଣ୍ଡା ପିଇବା ପାଣି ପ୍ରଦାନ କରନ୍ତୁ ।
୪) ସଙ୍ଗେ ସଙ୍ଗେ ସ୍ଥାନୀୟ ପଶୁଚିକିତ୍ସକଙ୍କ ପରାମର୍ଶ କ୍ରମେ ଜଳଶୂନ୍ୟତା କମାଇବା ପାଇଁ ସାଲାଇନ ସାହାଯ୍ୟ ନେବା ସହିତ ଆବଶ୍ୟକୀୟଜରୁରି କାଳିନ ଔଷଧର ସାହାଯ୍ୟ ନିଅନ୍ତୁ ।
୫) ରାତ୍ରିର ଥଣ୍ଡାପ୍ରହରରେ ପୃଷ୍ଟିକର ଦାନା ଜାତୀୟ ସୁଷମ ଖାଦ୍ୟ ଖାଇବାକୁ ଦେବା ସହିତ ଦିନବେଳା ସବୁଜ ଘାସ, ନଡ଼ା, କୁଟ୍ଟା ଆଦି ଖାଇବାକୁ ଦିଅନ୍ତୁ ।
୬) ଖରାଦିନେ ସବୁଜ ଘାସର ଘୋର ଅଭାବ ହେତୁ ଧାତବ ଲବଣ ମିଶ୍ରିତ ଭିଟାମିନ୍‌ସ ଗୁଣ୍ଡ ଦୈନିକ ୪-୬ ଚାମଚ ଖାଇବାକୁ ଦିଅନ୍ତୁ ।
୭) ଗୋରୁମାନଙ୍କୁ ଖାଇବା ଲୁଣ ୫୦ଗ୍ରାମ, ନଡ଼ା ବା କୁଟା-୨ କି.ଗ୍ରା ଓ ସବୁଜ ଘାସ ୬-୮ କି.ଗ୍ରା ଖାଇବାକୁ ଦିଅନ୍ତୁ ।
୮) ପ୍ରତ୍ୟେକ ଦିନ ଗୋରୁ ଗାଈଙ୍କୁ ଦିନକୁ ଥରେ କିମ୍ବା ଆବଶ୍ୟକୀୟ ସ୍ଥଳେ ୨ରୁ ୩ଥର ଗାଧୋଇ ଦିଅନ୍ତୁ ।